# ଶୋଇଥିବା ପୁଅକୁ ଟାଙ୍ଗିଆରେ ହାଣିଦେଲା ବାପା



**କାମାକ୍ଷାନଗର, ୩।୧(ସମିସ):** କାମାକ୍ଷାନଗର ଥାନା ଗୁଣ୍ଡିଚାନାଳୀ ଗାଁ ତାସିରିସାହିରେ ଘଟିଛି ଏକ ଅଘଟଣ। ଶୋଇଥିବା ବେଳେ ପୁଅକୁ ଟାଙ୍ଗିଆରେ ହାଣିଛି ବାପା। ଗୁରୁତର ଅବସ୍ଥାରେ ପୁଅ କୋଇଲା ମୁର୍ମୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛି। ପାରିବାରିକ କଳହକୁ କେନ୍ଦ୍ରକରି ବାପା ଆକାଲ ମୁର୍ମୁ ପୁଅ କୋଇଲାକୁ ହାଣି ଦେଇଥିବା ସୂଚନା ମିଳିଛି। ହାଣିବା ପରେ ବାପା ଆକାଲ ମୁର୍ମୁ ଫେରାର ହୋଇଯାଇଛି। ତେବେ ଗତ କିଛିବର୍ଷ ଧରି ଆକାଲଙ୍କ ପରିବାର ଗୁଣ୍ଡିଚାନାଳୀ ଅଞ୍ଚଳରେ ରହି ଜଙ୍ଗଲରୁ ପତ୍ର ସଂଗ୍ରହ କରିବା ସହ ଦିନ ମଜୁରିଆ କାର୍ଯ୍ୟ କରି ଆସୁଥିଲେ। ତେବେ କୋଇଲାକୁ ଗୁରୁତର ଅବସ୍ଥାରେ ପ୍ରଥମେ କାମାକ୍ଷାନଗର ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ



କାମାକ୍ଷାନଗର, ୩।୧(ସମିସ): କାମାକ୍ଷାନଗର ଏନଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ମନ୍ତ୍ରୀ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଏବଂ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ସମୀକ୍ଷା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାମାକ୍ଷାନଗର ଦାସୀ ପୋଖରୀ ସ୍ଥିତ ଟଏ ଟ୍ରେନ, ସ୍ମାର୍ଟ ପାର୍କ, ସାପ୍ତାହିକ ହାଟର ଅନ୍ୟତ୍ର ସ୍ଥାନାନ୍ତରଣ ପ୍ରକଳ୍ପ ଗୁଡିକ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ। ଆଗାମୀ କିଛି ମାସ ମଧ୍ୟରେ କାମାକ୍ଷାନଗର ଏନଏସିକୁ ସ୍ମାର୍ଟ ରୂପାନ୍ତରଣ ପାଇଁ ଯୋଜନା ରହିଛି। ଯାହାର କାର୍ଯ୍ୟ ଖୁବଶୀଘ୍ର ତ୍ୱରାନ୍ୱିତ ହେବ ବୋଲି ଜଣାପଡ଼ିଛି। କାମାକ୍ଷାନଗର ସହରର ରୂପରେଖ ବଦଳିବ, ଏଥିସହିତ ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇ ସାରିଛି।

## ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଢେଙ୍କାନାଳ, ୩।୧(ସମିସ):**

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାଂସ୍କୃତିକ ଓ ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍ଯାପନୀ ସଭା ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଲୋକସଭା ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ 'ନୂଆ-ଓ' କାର୍ଯ୍ୟକ୍ରମର ଢେଙ୍କାନାଳ ଜିଲ୍ଲା ମୁଖ୍ୟ ସଂଯୋଜକ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଡଃ ଦେବାଶିଷ ମହାନ୍ତି, ଢେଙ୍କାନାଳ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ସଭାର ସଭାପତି ସାଂଧ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସମୀର ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳ୍ୟର ଅଧ୍ୟକ୍ଷ ମାନଗୋବିନ୍ଦ ଗୋଚ୍ଛି, ନୋଡାଲ୍ ଅଫିସର ସମୀର କୁମାର ମଲ୍ଲିକ ଓ ଅକ୍ଷୟ କୁମାର ନାଥ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ସାଂସଦ ଶ୍ରୀ ସାହୁ ପିଲାମାନଙ୍କୁ ଶୃଙ୍ଖଳିତ ହୋଇ ନିଜେ ସ୍ୱପ୍ନ ଦେଖି 'ନୂଆ-ଓ', ଯୁବ ଓଡ଼ିଶା, ନବୀନ ଓଡ଼ିଶାକୁ ପାଥେୟ କରି ସମାଜରେ ଖ୍ୟାତି ଅର୍ଜନ କରିପାରିବେ ବୋଲି ମତବ୍ୟକ୍ତ କରି ଢେଙ୍କାନାଳ ବୁଦ୍ଧିଜୀବୀଙ୍କ ସମ୍ମିଳିତ ଉଦ୍ୟମରେ ଢେଙ୍କାନାଳ ସାଂଧ ମହାବିଦ୍ୟାଳୟର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି 'ନୂଆ-ଓ' ର ମୁଖ୍ୟ ସଂଯୋଜକ ପ୍ରଫେସର ଦେବାଶିଷ ମହାନ୍ତି ସାରା ଜିଲ୍ଲାର ପ୍ରତି କଲେଜ୍ରେ 'ନୂଆ-ଓ' କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବେ ପରିଚାଳିତ ହୋଇଛି ବୋଲି ମତବ୍ୟକ୍ତ କରିଥିବାବେଳେ ସାଂଧ ମହାବିଦ୍ୟାଳୟକୁ ଉଚ୍ଚ ପ୍ରଶଂସିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଢେଙ୍କାନାଳ ପୌରପରିଷଦର ଉପାଧ୍ୟକ୍ଷ ଶ୍ରୀ କୁଅଁର ସାଂଧ ମହାବିଦ୍ୟାଳୟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିବାବେଳେ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସୁନାଗରିକ ଭାବେ ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ ମଞ୍ଚରେ ଅତିଥି ଭାବେ ପ୍ରାକ୍ତନ ଜଜ୍ ଭିକାରୀ ଚରଣ ରାଉତ, ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ବାହାଦୂର ପାଟସାହାଣୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ତଥା ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ସ୍ୱପ୍ନାପ୍ରିୟଦର୍ଶିନୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନିତ ଦଣ୍ଡନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ସଭା ଶେଷରେ ସାଂସଦ ଶ୍ରୀ ସାହୁ ଓ ପୌର ଉପାଧ୍ୟକ୍ଷଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସାଂଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳ୍ୟର ଅଧ୍ୟକ୍ଷ ମାନଗୋବିନ୍ଦ ଗୋଚ୍ଛି ଧନ୍ୟବାଦ ପ୍ରଦାନ କରିବା ପରେ ସଭାପତି ଡଃ ସମୀର କୁମାର ସାହୁ ସଭାସାଙ୍ଗ ହେଲା ବୋଲି ଘୋଷଣା କରିଥିଲେ।

## ● ପୁଲିସ୍ ନିଷ୍କ୍ରିୟତା ଯୋଗୁଁ ପୁଣି ମାତିଲେ ଲୁଟେରା

# ଗୋଟିଏ ରାତିରେ ୭ ମନ୍ଦିରରୁ ଚୋରି



**ଭୁବନ, ୩।୧(ସମିସ):** ଢେଙ୍କନାଳ ଜିଲ୍ଲା ଭୁବନ ଥାନା ଅଞ୍ଚଳରେ ପୁଣି ମାତିଛନ୍ତି ଚୋର। ଗୋଟିଏ ରାତିରେ ସାତଟି ମନ୍ଦିରରୁ ତାଲା ଭାଙ୍ଗି ଚୋରି କରିଛନ୍ତି। ପୁଲିସ ନିଷ୍କ୍ରିୟତାର ସୁଯୋଗ ନେଇ ମଙ୍ଗଳବାର ରାତିରେ ପୁଣି ମାତିଛନ୍ତି ଲୁଟେରା। ଭୁବନ ଥାନାର ସାମଳ, ପଳାସପିଠିଆ, ଦୟଣାବିଲ ଓ ନୂଆଟିପିଲେଇ ଗ୍ରାମ ସମେତ ସାତୋଟି ମନ୍ଦିରରୁ କଳାକନା ବୁଲାଇଛନ୍ତି ଚୋର। ଭୁବନ ଥାନ ଅନ୍ତର୍ଗତ ସାମଳ ଗ୍ରାମର ତିନୋଟି ମନ୍ଦିରର ତାଲା ଭାଙ୍ଗି ଠାକୁରଙ୍କ ସୁନା ଅଳଙ୍କାର ଚୋରି କରିନେଇଛନ୍ତି। ଗ୍ରାମର ମଙ୍ଗଳା ମନ୍ଦିରରୁ ତାଲା ଭାଙ୍ଗି ମାଆଙ୍କର ସୁନାର ମଙ୍ଗଳସୂତ୍ର, କାନଫୁଲ, ପାଉଁଜି ଓ ଅଣ୍ଟାସୂତି ଚୋରି ହୋଇଥିବା ବେଳେ ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି କରିନେଇଯାଇଛନ୍ତି। ସକାଳେ ଗ୍ରାମବାସୀ ମଙ୍ଗଳା ମନ୍ଦିର ତାଲା ଭାଙ୍ଗିଥିବା ଦେଖି ପୂଜକଙ୍କୁ ଖବର ଦେଇଥିଲେ। ମନ୍ଦିର ପୂଜକ ଘଟଣାସ୍ଥଳରେ ପହଞ୍ଚି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମ ନିକଟରେ ଥିବା ହନୁମାନ ମନ୍ଦିରରୁ ମଧ୍ୟ ଚୋରି ହୋଇଥିବା ଦେଖିବାକୁ ମିଳିଛି। ତିନୋଟି ମନ୍ଦିରରୁ ପାଖାପାଖି ତିରିଶ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଘଟଣାର ତଦନ୍ତ ପାଇଁ ଗ୍ରାମବାସୀ ଭୁବନ ଥାନାରେ ଅଭିଯୋଗ କରିବେ ବୋଲ ଜଣାପଡ଼ିଛି। ପଳାସପିଠିଆ ଶନି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୟଣାବିଲ ଗ୍ରାମ ସାଇ ମନ୍ଦିରରୁ ଚାରି ବସ୍ତା ଧାନ ଚୋରି ହୋଇଥିବା ବେଳେ ନୂଆଟିପିଲଇ ଗ୍ରାମର ହନୁମାନ ମନ୍ଦିର ଦାନ ବାକ୍ସ ଭାଙ୍ଗି ଲୁଟ୍ କରିଛନ୍ତି। ରାଧାକୃଷ୍ଣ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଜଣାପଡ଼ିଛି। କିଛିଦିନ ତଳେ ଫାଣ୍ଡି ଅଞ୍ଚଳରେ ମନ୍ଦିରମାନଙ୍କରେ ଚୋରି ହୋଇଥିବା ବେଳେ ବ୍ୟବଧାନରେ ପୁଣି ମନ୍ଦିରରୁ ଚୋରି ହୋଇଥିବାରୁ ପୁଲିସ୍ ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭତ୍ତା ପାଇବାରୁ ବଞ୍ଚିତ ୬୫ବର୍ଷର ପକ୍ଷାଘାତ ପୀଡ଼ିତା

**ଭୁବନ, ୨।୧(ସମିସ):** ଭତ୍ତା ପାଇବାରୁ ବଞ୍ଚିତ ୬୫ ବର୍ଷର ପାରାଲିସିସ୍ ପୀଡ଼ିତା। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହିନାହାଁନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଏକତାଳୀ ପଞ୍ଚାୟତ ରୋଡ଼ଙ୍ଗ ଗ୍ରାମରେ। ଗ୍ରାମର ବୋଧି ମଳିକଙ୍କ ସ୍ତ୍ରୀ ଟୁନା ମଳିକ ଏକବର୍ଷ ହେଲା ଶଯ୍ୟାସାୟୀ। ଗୋଟିଏ ପଟ ପାରାଲିସିସ୍ ହୋଇଥିବାରୁ ଚାଲିବୁଲି ପାରୁନି। ତେବେ ଦୀର୍ଘ ୫ବର୍ଷ ତଳୁ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ସମସ୍ତଙ୍କୁ ଗୁହାରି କରିଥିଲେ ହେଁ ଶୁଣିବାକୁ କେହିନାହାଁନ୍ତି। କଥାରେ କଥାରେ ଦେଇଛନ୍ତି ମିଥ୍ୟା ପ୍ରତିଶ୍ରୁତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, କାହାପାଇଁ ସରକାଙ୍କ ମାଳମାଳ ଯୋଜନା। ବୃଦ୍ଧା ବୟସରେ ଭତ୍ତା ଟଙ୍କା ପାଇଲେ ଓଷେଧ ଟିକିଏ କିଣିବ ଓ ଭଲମନ୍ଦ ଟିକିଏ ଖାଇବ ବୋଲି ଟୁନା କରିଛି କେତେ ଆଶା। ହେଲେ ରାଜନେତାଙ୍କ ପଶାପାଲି ସାଙ୍ଗକୁ ସରକାରୀ କର୍ମଚାରୀଙ୍କ ମନମାନୀ କାରଣରୁ ଟୁନାର ଆଶା ମଉଳି ଯାଇଛି। ତେବେ ଗତ କିଛିମାସ ତଳେ ପଞ୍ଚାୟତ କାର୍ଯ୍ୟାଳୟରେ ସଭାକରି ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟାଯାଉଥିବା ବେଳେ କାହିଁକି ଟୁନାକୁ ବାଦ୍ ଦିଆଗଲା, ତାକୁ ନେଇ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ।

# ଧାନମଣ୍ଡି ଉଦ୍‌ଘାଟିତ



ମାର୍ଥାପୁର, ୩।୧(ସମିସ): ଢେଙ୍କନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦଘାଟନ ହୋଇଛି। ଅନୁଗୋଳ ସମବାୟ କେନ୍ଦ୍ର ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ, କୋଅପରିଟି ସୋସାଇଟି ଢେଙ୍କାନାଳ ଡିଭିଜନର ସରୋଜିନୀ ଜେନା ଏବଂ ସୁରପ୍ରତାପପୁର ସମବାୟ ସମିତିର ସଭାପତି ପୁଷ୍ପଲତା ରାଉତ ଯୋଗଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ଧାନ ମଣ୍ଡିରେ କୃଷକମାନଙ୍କ ନିମନ୍ତେ ପାନୀୟଜଳ ଓ ଶୌଚାଳୟକୁ ପ୍ରାଥମିକତା ଦିଆଯିବ ବୋଲି ସମବାୟ ସମିତି ତରଫରୁ କୁହାଯାଇଛି। ପ୍ରଥମ ଦିନରେ ଆଠ ଜଣ ଚାଷୀଙ୍କ ବିନା କଟନି ଛଟନିରେ ଦୁଇ ଶହ ପଚିଶ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚାଷୀ କିପରି ନିଜର ଧାନ ବିକ୍ରୟ କରିବେ ସେଥିପାଇଁ ସମବାୟ ସମିତି ତତ୍ପର ରହିବ ବୋଲି ଜଣାଇଛନ୍ତି।

## ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ପ୍ରଶାସନର ବୈଠକ

# ଚାଷୀ ଆସିଲେ, ମିଲର ଆସିଲେନି



**ମହାବିରୋଡ଼, ୩।୧(ସମିସ):** କଙ୍କଡାହାଡ଼ ବ୍ଲକ କଙ୍କଡାହାଡ଼ ମା ଖଣ୍ଡୁରୀ ପୀଠ ଠାରେ ଥିବା ଯାତ୍ରା ପଡ଼ିଆ ଠାରେ ଖରିଫ ବର୍ଷ ୨୩-୨୪ ବ୍ଲକସ୍ତରୀୟ ଧାନ କ୍ରୟ କେନ୍ଦ୍ର ଉଦଘାଟନ ହୋଇଥିଲା। କଙ୍କଡାହାଡ଼ କୃଷି ସମବାୟ ସମିତି ଅଧୀନରେ ଆସୁଥିବା ୩ ଟି ପଞ୍ଚାୟତ କଣ୍ଟାପାଳ, କାନ୍ତୁଲ, କରଗୋଳା ପଞ୍ଚାୟତର ୪ ଜଣ ଚାଷୀ ୧୬୫ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଧାର୍ଯ୍ୟ ହେଇଥିବା ବେଳେ କାମାଖୀ ମିଲର ପକ୍ଷରୁ ୫ ରୁ ୮ କିଲ ଧାନ କଟାକୁ ଚାଷୀମାନେ ବିରୋଧ କରି ଧାନ ନଦେବାରୁ ନିରାଶ ହେଇ ଫେରିଥିଲା ମିଲର। ବ୍ଲକସ୍ତରୀୟ ମଣ୍ଡି ଉଦଘାଟନ ହେଇ ମଣ୍ଡି ଅବ୍ୟବସ୍ଥା ହେବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ୩ ଟି ପଞ୍ଚାୟତର ଚାଷୀ ଓ କାମାଖୀ ମିଲରଙ୍କୁ ନେଇ ବ୍ଲକ ସଭାଗୃହ ପରିସରରେ ବୈଠକ ଡକାଇଥିଲେ। ଏହି ବୈଠକରେ ଚାଷୀ ଉପସ୍ଥିତ ଥିବା ବେଳେ ପ୍ରଶାସନଙ୍କୁ ବେଖାତିର କରି ମିଲର ବୈଠକକୁ ଆସି ନଥିଲେ। ଏହି ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ହେଇଥିବାରୁ ଲୋକମାନେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭରଶୀଳ। ଚାଷୀ ବହୁତ କଷ୍ଟରେ ଧାର କରଜ କରି ଚଳିତ ବର୍ଷ ସ୍ୱଳ୍ପ ବର୍ଷା ସାଙ୍ଗକୁ ହାତୀ ଉପଦ୍ରବରୁ ଧାନ ଫସଲକୁ ରକ୍ଷା କରି ଯାହା କିଛି ଧାନ ଅମଳ ହୋଇଥିଲା ବର୍ଷ ସାରା ଖାଇବା ପାଇଁ ରଖିଲା ପରେ ବଳକା ଧାନ ମଣ୍ଡିରେ ବିକ୍ରି କରି ବର୍ଷ ସାରା ପରିବାର ପ୍ରତିପୋଷଣ କରିବା ଭାବିଥିଲା ବେଳେ ଧାନ ମଣ୍ଡି ବନ୍ଦ ହେବାରୁ ଚିନ୍ତାରେ ଚାଷୀ। ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ଯୋଗାଣ ଅଧିକାରୀ ବାଡ଼ା ବେଶ୍ରା, ବ୍ଲକ ପ୍ରଜେକ୍ଟ କୋଡ଼ିନେଟର ଅନ୍ନପୂର୍ଣ୍ଣା ସାହୁ, ମହାସଂଘ ସଭାପତି ଦୌପଦୀ ମହାନ୍ତ ଉପସ୍ଥିତ ଥିଲେ। ଚାଷୀମାନେ ଅଭିଯୋଗ କରିଛନ୍ତି କାମାଖୀ ମିଲରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଆଜି ମଣ୍ଡି ଅବ୍ୟବସ୍ଥା ହୋଇ ଆଜକୁ ୩ ଦିନ ହେଲାଣି ଶୀତ କାକରରେ ଚାଷୀ ଧାନ ବିକ୍ରି ନକରି ପଡ଼ି ରହିଛନ୍ତି। ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଦୃଷ୍ଟି ଦେବାପାଇଁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ଶିଶୁକନ୍ୟା ଉଦ୍ଧାର

**ଢେଙ୍କାନାଳ,୩।୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ମେରାମଣ୍ଡଳୀ ନିକଟରେ ଚିନ୍ତାପୋଖରୀ ଉପରପାଳ ନିକଟରୁ ପରିତ୍ୟକ୍ତ ଅବସ୍ଥାରେ ଏକ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ତଥା ଆଇନଜୀବୀ ପୁଷ୍ପକ ତ୍ରିପାଠୀଙ୍କ ସହିତ ସଭ୍ୟା କୃଷିଦା ବେଗମ, ଗିତିଶ୍ରୀ ପଣ୍ଡା, ସଭ୍ୟ ବିଭୁତି ଭୂଷଣ ଦାସ, ଅଶ୍ୱିନୀ କୁମାର ମହାପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ବିଚାରବିମର୍ଶ କରି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଶିଶୁ ମଙ୍ଗଳ କମିଟି ତରଫରୁ ପୋଷ୍ୟ ସନ୍ତାନ ସଂସ୍ଥାର ପରିଚାଳକ ଶୌଳବାଳା ସ୍ୱାଇଁ, ମୋଟଙ୍ଗା ପୁଲିସ ସହାୟତାରେ ଗ୍ରାମରେ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାରକରିବା ସହିତ ଶିଶୁଟିର ଯତ୍ନ ଏବଂ ସୁରକ୍ଷା ପାଇଁ ତାକୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ ଥଇଥାନ ବ୍ୟବସ୍ଥା କରାଯାଇଛି।







## ମାନସିକ ବିକାରଗ୍ରସ୍ତ ଯୁବକ ଉଦ୍ଧାର



**ଅନୁଗୋଳ,୩।୧(ସମିସ):** ଅନୁଗୋଳର ସିରିଡ଼ି ସାଇ ଆତ୍ମଦର୍ଶନ ଚାରିଟେବୁଲ ଟ୍ରଷ୍ଟ ନେତୃତ୍ୱରେ ଅନୁଗୋଳ ପୌରାଞ୍ଚଳ ସଭାଘର ନିକଟରେ ଏକ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରାଯାଇଛି । ତାଙ୍କୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ନୂଆ ଡ୍ରେସ ପିନ୍ଧାଯାଇଥିଲା । ଆଜିକୁ ମିଶାଇ ଚତୁର୍ଥ ଥର ପାଇଁ ଟ୍ରଷ୍ଟ ପକ୍ଷରୁ ଏହି ସେବା କାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟରେ ଟ୍ରଷ୍ଟ ସଦସ୍ୟ ଅଜୟ ତ୍ରିପାଠୀ, ରାକେଶ ରୋଶନ ଦାସ, ଲଳିତ ମହାପାତ୍ର, ଶରତ ସାହୁ, ସୁଧାକର ସାହୁ ସହଯୋଗ କରିଥିଲେ । ଜିଲ୍ଲାରେ ମାନସିକ ବିକାରଗ୍ରସ୍ତ ପୁରୁଷଙ୍କ ପାଇଁ ଆଶ୍ରୟ ସ୍ଥଳୀ କିମ୍ବା କୌଣସି ବ୍ୟବସ୍ଥା ନ ଥିବାରୁ ଟ୍ରଷ୍ଟ ତରଫରୁ ପ୍ରଶାସନକୁ ଅବଗତ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ ବୋଲି ଟ୍ରଷ୍ଟ ସଭାପତି ବିଦ୍ୟାଧର ନାୟକ ଦୁଃଖ ପ୍ରକାଶ କରି କହିଛନ୍ତି ।

## ମରୁଆବିଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**କାମାକ୍ଷାନଗର, ୩।୧(ସମିସ):** କଙ୍କଡ଼ାହାଡ଼ ବ୍ଲକ ମରୁଆବିଲି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ିସାହି ଠାରେ ମରୁଆବିଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚ ଆୟୋଜକ ଦଳ ସହ କଲରଙ୍ଗି (ଟାଟା ମାଇନ୍ସ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ମ୍ୟାଚରେ କଲରଙ୍ଗି ଦଳ ଗୋଡ଼ିସାହିକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ମୁଖ୍ୟ ଅତିଥି ଭାବେ ମରୁଆବିଲି ସରପଞ୍ଚ ବୈଜୟନ୍ତୀ ମାଳା ରାଉତ ଉପସ୍ଥିତ ରହି ଉଭୟ ବିଜେତା ଦଳକୁ ପୁରସ୍କୃତ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ



ଢେଙ୍କାନାଳ, ୩।୧(ସମିସ): ଢେଙ୍କାନାଳ ଜିଲ୍ଲା ପରିବହନ, ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ଓ ଐରା ଅନୁଷ୍ଠାନର ମିଳିତ ସହଯୋଗରେ ଢେଙ୍କାନାଳ ବସଷ୍ଟାଣ୍ଡ ଠାରେ ଏକ ସଡ଼କ ସୁରକ୍ଷା ସଚେତନତା ନାଟକ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ମୋଟର ଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, ଏମଭିଆଇ ସୀତାଂଶୁ ବେହେରା, ନେହେରୁ ଯୁବ କେନ୍ଦ୍ର ଉପ-ନିର୍ଦ୍ଦେଶକ ଅଶୋକ ଦାଶ, ଘରୋଇ ବସ ମାଲିକ ସଂଘର ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ ଓ ସଭାପତି ପ୍ରଭାକର ବେହେରା, ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା, ସୀତାଂଶୁ ପଣ୍ଡା, ସୁଶାନ୍ତ ପଣ୍ଡା, ସରୋଜ ରାଉତ, ବିଭୁତି ଭୂଷଣ ପୃଷ୍ଟି, ଗୀତାଞ୍ଜଳି ପଣ୍ଡା, ଐରା ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଅନୁଗୋଳ ୩।୧(ସମିସ): ଅଦ୍ୱିକା କାର୍ଯ୍ୟକ୍ରମରେ କିଶୋରୀ ବାଳିକାଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବଣ୍ଟଁରପାଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୁକୁଡ଼ାଙ୍ଗ ହରିହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବଣ୍ଟଁରପାଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଲିଲି ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭୦ରୁ ଉର୍ଦ୍ଧ୍ୱ କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷିକା ସ୍ନିଗ୍ଧାରାଣୀ ଦାଶ, ଜୟଲକ୍ଷ୍ମୀ ଦାଶ, ତାଲିମ୍ ଦେଇଥିଲେ । ବାଳିକାମାନେ କିପରି ନିଜକୁ ନିଜେ ବିଭିନ୍ନ ସମୟରେ ବିପଦ ଆସିଲେ ସୁରକ୍ଷା କରିପାରିବେ ତାହା ତାଲିମ୍ ନେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିଭା ମଣ୍ଡଳଙ୍କ ସମେତ ସମସ୍ତ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ ।



# ମଗଜି ଲଡ୍ଡୁକୁ ମିଳିଲା ଜିଆଇ ଟ୍ୟାଗ୍

ଢେଙ୍କାନାଳ,୩।୧(ସମିସ)

ଢେଙ୍କାନାଳ ଜିଲ୍ଲା ବରା ପାଇଁ ପରିଚିତ ଥିବାବେଳେ ଗଁଦିଆ ବ୍ଲକରେ ପ୍ରସ୍ତୁତ ହେଉଥିବା ମଗଜି ଲଡ୍ଡୁକୁ ଜିଆଇ ଟ୍ୟାଗ୍ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସରକାରଙ୍କ ତରଫରୁ ବିଧିବଦ୍ଧ ଭାବେ ଏନେଇ ଘୋଷଣା କରାଯାଇଛି ।

ଗଁଦିଆ ବ୍ଲକ ଅଞ୍ଚଳରେ ଥିବା ଦୋକାନଗୁଡିକରେ ଠିକ୍ ରସଗୋଲାର ଭ୍ରମ ସୃଷ୍ଟି କରୁଥିବା ଗୋଲ ଗୋଲ ଧଳା ମିଠା ଭାବରେ ରହିଥିବା ମଗଜି ଲଡ୍ଡୁକୁ ଶେଷରେ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି । ମଇଁଷି କ୍ଷୀର ଓ ଛେନାରେ ପ୍ରସ୍ତୁତ ହେଉଥିବା ଏହି ଲଡ୍ଡୁ ପାଟିକୁ ବେଶ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର । ବର୍ଷ ବର୍ଷ ପରି ପୁରୁଷାନୁକ୍ରମେ ମଗଜି ଲଡ୍ଡୁ ପ୍ରସ୍ତୁତ ହେଉଛି । ଗଁଦିଆ ବ୍ଲକ ଅଞ୍ଚଳର ପ୍ରସିଦ୍ଧ ମଗଜି ଲଡ୍ଡୁକୁ ଜିଓଗ୍ରାଫିକାଲ ଇଣ୍ଡିକେସନ ଜିଆଇ ଟ୍ୟାଗ୍ ମିଳିଛି । ମଗଜି



ଲଡ୍ଡୁର ପ୍ରାଥମିକ ପରୀକ୍ଷଣ ଓ ନିରୂପଣ ଶେଷ ହୋଇଛି । ପରୀକ୍ଷଣ ପରେ ମଗଜିକୁ ସବୁଜ ସଙ୍କେତ ମିଳିଛି । ଗତ ୨୦୨୨ ଡିସେମ୍ବର ୬ ତାରିଖରେ ପରାମର୍ଶଦାତା କମିଟି ବୈଠକ ବସିବା ପରେ କୌଣସି ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯଦି ହସ୍ତଗତ ନହୁଏ, ତେବେ ମଗଜି ଲଡ୍ଡୁ ନୂତନ ଜିଆଇ ଟ୍ୟାଗ୍ ପାଇବା ସହିତ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବ ବୋଲି ଜଣାପଡ଼ିଥିଲା । ଢେଙ୍କାନାଳର ମଗଜିକୁ ଜିଆଇ ଟ୍ୟାଗ୍ ଦେବା ପାଇଁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳ (ଓୟୁଏଟି) ପକ୍ଷରୁ ଆବେଦନ କରାଯାଇଥିଲା । ବିଭିନ୍ନ ତଥ୍ୟ ସମ୍ବଳିତ ଦସ୍ତାବିଜ ସହ ୨୦୨୦ ଡିସେମ୍ବର ୭ରେ ଏହି ଆବେଦନ ହୋଇଥିଲା । ଜିଆଇର ଏକ୍ସପର୍ଟ ଟିମ୍ ପ୍ରାଥମିକ ପର୍ଯ୍ୟାୟରେ ପରୀକ୍ଷଣ କରିବା ପରେ ଜିଆଇ ଟ୍ୟାଗ୍ ପ୍ରଦାନ କରାଯାଇଛି । ମଗଜି ଲଡ୍ଡୁ ପାଇଁ ଢେଙ୍କାନାଳ ଗଁଦିଆ ବେଶ ପରିଚିତ ଥିବା ବେଳେ ଏହି ବ୍ଲକର ଷଡ଼ଙ୍ଗି, ମନ୍ଦାର, ବିଧାରପୁର, ଦେଓଗାଁ ଆଦି ସ୍ଥାନରେ ରହିଥିବା ବିଭିନ୍ନ ଜଳଖିଆ ଦୋକାନରେ ଏହି ମଗଜି ଲଡ୍ଡୁ ପ୍ରସ୍ତୁତ ହୋଇଥାଏ । ପ୍ରାୟ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି ମିଠା ପ୍ରସ୍ତୁତ ହେଉଛି । ଏହା ମଗଜି ଲଡ୍ଡୁ ପରି ହୋଇଥିଲେ ମଧ୍ୟ ତାହାଠାରୁ ଭିନ୍ନ । ଏହା ସ୍ୱତନ୍ତ୍ର ଭାବରେ ମଇଁଷି କ୍ଷୀରର ଛେନାରେ ପ୍ରସ୍ତୁତ ହୋଇଥାଏ । ତେଣୁ ମଗଜି ଲଡ୍ଡୁ ଠାରୁ ମଗଜି ବେଶ ସ୍ୱାଦିଷ୍ଟ । ଏହି ଅଞ୍ଚଳ ଦେଇ ବ୍ରହ୍ମଣୀ ନଦୀ ପ୍ରବାହିତ ହେଉଥିବା ବେଳେ ଜଙ୍ଗଲ ଓ ଘାସ ବହୁ ପରିମାଣରେ ରହୁଥିବାରୁ ସ୍ଥାନୀୟ ଲୋକେ ମଇଁଷି ପାଳନ କରିଥାନ୍ତି । ସେହି ମଇଁଷି କ୍ଷୀରରେ ହିଁ ଏହା ପ୍ରସ୍ତୁତ ହୋଇଥାଏ । ତେଣୁ ଭୌଗଳିକ ଦୃଷ୍ଟିକୋଣରୁ ଏହା ବେଶ ସ୍ୱତନ୍ତ୍ର । ମଗଜିକୁ ଜିଆଇ ଟ୍ୟାଗ୍ ମିଳିବା ପରେ ଚାରିଆଡେ ଖୁସିର ଲହରୀ ଖେଳିଯାଇଛି ।

## ନୂତନ ବର୍ଷରେ କମ୍ବଳ ବଣ୍ଟନ

**ତାଳଚେର ସଦର ୩।୧(ସମିସ):** ନୂତନବର୍ଷରେ ଭୋଜିଭାତରୁ ଦୂରେଇ ରହି ଶୀତଦାଉରୁ କିପରି ଅସହାୟ ଗରୀବ ଲୋକ ରକ୍ଷାପାଇପାରିବେ ତାକୁ ନେଇ ଆଜି କନ୍ଦର୍ପ ସେବା ସମିତି ପକ୍ଷରୁ ବୃଦ୍ଧାଶ୍ରମ ଠାରେ କମ୍ବଳ, ଶୁଖିଲା ଖାଦ୍ୟ, ଗାମୁଛା ଇତ୍ୟାଦି ବଣ୍ଟନ କରାଯାଇଛି । କନ୍ଦର୍ପ ସେବାସମିତି ସଭାପତି ରାଜେଶ ଦାସ, ସମ୍ପାଦକ ବିଶିକେଶନ ପ୍ରଧାନ, ପ୍ରଶାନ୍ତ ସାହୁ, ସୁନିଲ ବର୍ମା, ବାପିବୀର, ହେମନ୍ତ ଜେନା, ଦେବ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ୨୭ଜଣ ଅନ୍ତେବାସୀଙ୍କୁ କମ୍ବଳ, ବିସ୍କୁଟ, ଚାମୁଚ, ମିକ୍ସଚର୍, ସେଉ, ଗାଣ୍ଠିଆ, ବାଲ୍ଟି ଇତ୍ୟାଦି ପ୍ରଦାନ କରିଥିଲେ । ଏନେଇ କନ୍ଦର୍ପ ସେବାସମିତିକୁ ଭୂୟଂଶୀ ପ୍ରଶଂସା କରାଯାଇଛି ।

## ଅବସରପ୍ରାପ୍ତ ଏଲ୍‌ଆଇସି ଅଧିକାରୀଙ୍କ ପରଲୋକ



**ଢେଙ୍କାନାଳ, ୩।୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ପାଇକ ପୁରୁଣାକୋଟ ପଞ୍ଚାୟତର କଙ୍କାଲୁ ଗ୍ରାମର ଅବସରପ୍ରାପ୍ତ ଭାରତୀୟ ଜୀବନବୀମା ନିଗମର ଅଧିକାରୀ ହୃଦାନନ୍ଦ ମହାପାତ୍ର(୯୦)ଙ୍କ ପରଲୋକ ଘଟିଛି । କଟକ ଆଲିସା ବଜାର ବାସଭବନରେ ତାଙ୍କର ବିୟୋଗ ଘଟିଛି । କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ନିଜ ବାସଭବନରେ ଚିକିତ୍ସିତ ହେଉଥିଲେ । କଟକ ସତୀଚଉରାସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ସାନପୁଅ ପ୍ରଫୁଲ୍ଲ ମହାପାତ୍ର ମୁଖାଗ୍ନି ଦେଇଛନ୍ତି ।

### ୧୦ ଏକର ଧାନ ଫସଲ ନଷ୍ଟ

# ଧାନ ଖାଇଗଲେ ହାତୀପଲ; ଚାଷୀ ହତାଶ

**ଭୁବନ,୨।୧(ସମିସ):** ଧାନହଳା ଭାଙ୍ଗି ଧାନ ଖାଇଗଲେ ହାତିପଲ । ଘଟଣା ଘଟିଛି ଭୁବନ ରେଞ୍ଜ ଅନ୍ତର୍ଗତ ଭୁଷଳ ପଞ୍ଚାୟତ ଶୁଣ୍ଠିକାଟେଣି ଗ୍ରାମରେ । ଗ୍ରାମର ଚାଷୀମାନେ ଧାନକାଟି ବିଲରେ ରଖିଥିବା ବେଳେ ହାତୀପଲ ପଶି ଖାଇଯିବା ସହ ଦଳାଚକଟା କରି ଦେଇଛନ୍ତି । ତେବେ ଚାରିଜଣ ଚାଷୀଙ୍କ ମୋଟ ୧୦ ଏକର ପାଖାପାଖି ବିଲରୁ ଅମଳ ହୋଇଥିବା ଏହି ଧାନ ହାତୀ ଖାଇଯିବା ପରେ ହତାସ୍ ହୋଇ ପଡ଼ିଛନ୍ତି ଚାଷୀ । ଧାର କରଜ ସହ ସମବାୟ ବ୍ୟାଙ୍କରୁ ଋଣ କରିଥିବା ଚାଷୀ ଏହାର କ୍ଷତିପୂରଣ ଦାବି କରୁଛନ୍ତି । କିନ୍ତୁ ସେମାନଙ୍କ ସମସ୍ୟାକୁ ନେଇ ବନ ବିଭାଗ ଆବଶ୍ୟକୀୟ ସହଯୋଗ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ହାତୀପଲ କଞ୍ଚନବାହାଳୀ ଜଙ୍ଗଲରେ ଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ତେବେ ୧୦ରୁ ଉର୍ଦ୍ଧ୍ୱ ହାତୀ ଆସିଥିବା ଭୁବନ ବନ ବିଭାଗ ପ୍ରକାଶ କରିଥିବା ବେଳେ ସେମାନଙ୍କ ଉପରେ କଡ଼ା ନଜର ରହିଥିବା ଭୁବନ ଫରେଷ୍ଟର ଜଣାଇଛନ୍ତି ।

## ହାତୀ ଘଉଡ଼ାଇବାରେ ବନବିଭାଗ ଅକ୍ଷମ

**ଭୁବନ, ୩।୧(ସମିସ):** ଚାଷୀଙ୍କ ବର୍ଷକର ଅମଳ ହାତୀ ଖାଇଯାଉଛନ୍ତି । ହେଲେ ହାତୀ ଘଉଡ଼ାବାକୁ ବନ ବିଭାଗର ଅଧିକାରୀଙ୍କ ପ୍ରୟାସ ନାହିଁ । ହାତୀ ଧାନ ହଳାଗଦା ଭାଙ୍ଗି ଧାନ ଖାଇଯାଇଛି । ହାତୀପଲ ଦ୍ୱାରା ଫସଲ ନଷ୍ଟ ହେଉଛି । ବନ ବିଭାଗ କର୍ମଚାରୀ କ୍ଷେତ୍ର ପରିଦର୍ଶନରେ ଆସୁନଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗତ ଏକ ସପ୍ତାହ ହେଲା ୧୨ଟିକିଆ ହାତୀ ପଲ ବ୍ରାହ୍ମଣୀ ନଦୀ ପାରହୋଇ ଦିନରେ ଆଖୁ କିଆରୀରେ ଲୁଚି ରହୁଥିବା ବେଳେ ରାତିରେ ଶାମଳ ସଂରକ୍ଷିତ ଜଙ୍ଗଲରେ ରହୁଥିଲେ । ୩୧ ତାରିଖ ରାତିରେ ଭୁଷଳ ପଞ୍ଚାୟତ ଶୁଣ୍ଠିକାଟେଣି ଗ୍ରାମରେ ଧାନହଳା ନଷ୍ଟ କରିଥିଲେ । ୨ ତାରିଖରେ ୧୨ଟିକିଆ ହାତୀଙ୍କୁ ନଦୀ ପାର କରାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ ଟିପିଲେଇରେ ୮ଟି ହାତୀ ଆସି ୩୦୦ ହଳା ନଷ୍ଟ କରିଥିବା ବିଷୟ ଜାଣି ପାରିନଥିଲେ ବନବିଭାଗ କର୍ମକର୍ତ୍ତା । ତେବେ ହାତୀ ଗତିବିଧି ସମ୍ପର୍କରେ ନଜର ରଖିବା, ହାତୀଙ୍କ ଉପସ୍ଥିତ ବିଷୟରେ ଲୋକଙ୍କୁ ଜଣାଇବା ହାତୀ ସ୍କ୍ୱାର୍ଡର କାମ । କିନ୍ତୁ ସ୍କ୍ୱାର୍ଡର କର୍ମୀମାନଙ୍କୁ ଅନ୍ୟ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହେଉଛି । ଗ୍ରାମର ଚାଷୀମାନେ ଧାନକାଟି ବିଲରେ ରଖିଥିବା ବେଳେ ହାତୀପଲ ଦଳାଚକଟା କରି ଦେଉଛନ୍ତି । ତେବେ ୩ଜଣ ଚାଷୀଙ୍କ ମୋଟ ୫ ଏକର ପାଖାପାଖି ବିଲରୁ ଅମଳ ହୋଇଥିବା ଧାନ ହାତୀ ଖାଇଯାଇଛନ୍ତି । ଧାର ଉଧାର ସହ ମହିଳା ଗ୍ରୁପରୁ ଋଣ କରିଥିବା ଚାଷୀ କୋଦଣ୍ଡଧର ମଲ୍ଲିକ ଏହାର କ୍ଷତିପୂରଣ ଦାବି କରୁଛନ୍ତି । ଚାଷୀ ସେମାନଙ୍କର ସମସ୍ୟାକୁ ନେଇ ବନବିଭାଗ ଆବଶ୍ୟକୀୟ ସହଯୋଗ କରୁନଥିବା ଚାଷୀ କାଳନ୍ଦି ମଲ୍ଲିକଙ୍କ ସହ ଅନ୍ୟମାନେ ସରପଞ୍ଚ ସୋନି ସାମଲଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀମତୀ ସାମଲ ଚାଷୀଙ୍କ ସହାୟତା ପାଇଁ ବନବିଭାଗକୁ ଚେତାବନୀ ଦେଇଛନ୍ତି । ଭୁବନ ବନବିଭାଗ ପକ୍ଷରୁ ରେଞ୍ଜର ରାକେଶ କୁମାର ଦଳେଇ କୁହନ୍ତି ହାତୀ ସ୍କ୍ୱାର୍ଡ ସଠିକ୍ କାମରେ ଲାଗିଛନ୍ତି । ଗୋଟିଏ ରାତିରେ ଭିନ୍ନ ଭିନ୍ନ ରାସ୍ତାରେ ହାତୀ ଭୁବନ ବ୍ଲକକୁ ଯାଆସ କରୁଛନ୍ତି । ହାତୀ ଗତିବିଧି ଉପରେ ଗୁରୁତ୍ୱ ଦିଆଯାଉଛି ।

## ରାଇଜ୍ ଅନୁଷ୍ଠାନର ଦୌଡ଼େଶ୍ୱର ମହୋତ୍ସବ




**ଢେଙ୍କାନାଳ, ୩।୧(ସମିସ):** ରାଇଜ୍ ଅନୁଷ୍ଠାନ ତରଫରୁ ୭ମ ଦୌଡ଼େଶ୍ୱର ମହୋତ୍ସବ-୨୦୨୩ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଇଜ୍ ଅନୁଷ୍ଠାନ ଢେଙ୍କାନାଳ ଜିଲ୍ଲାର ଗ୍ରାମାଞ୍ଚଳରେ ମହିଳା ସ୍ୱାବଲମ୍ବୀ ହେବା କ୍ଷେତ୍ରରେ ଡୋକ୍ରାର ପ୍ରୋତ୍ସାହନ ପାଇଁ କାର୍ଯ୍ୟକ୍ରମ ସିଲେଇ କେନ୍ଦ୍ର, ମହିଳାମାନଙ୍କ ପାଇଁ ଖଲି, ଚଉପତି, ଅଗରବତୀ ତିଆରି କରି କିପରି ସ୍ୱାବଲମ୍ବି ହୋଇପାରିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି । ଅନୁଷ୍ଠାନର ସଭାପତି ପ୍ରକାଶ ମଲ୍ଲିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସଂସ୍ଥାର କାର୍ଯ୍ୟକ୍ରମ ଗୁଡିକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ସମାଜ ମଙ୍ଗଳ ବୋର୍ଡର ରାଜ୍ୟ ସଦସ୍ୟା ସାଗରିକା ମିଶ୍ର ଉପସ୍ଥିତ ଥିଲେ । ଅନୁଷ୍ଠାନର ସମ୍ପାଦକ ସତ୍ୟନାରାୟଣ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଲୋକକଳା ଶିଳ୍ପୀ କୈଳାସ ବେହେରା ଓ ସମାଜସେବୀ ମମତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତରଭା ଗ୍ରାମର ରାଧାକୃଷ୍ଣ ଲଉଡିବାଡି ଗ୍ରୁପ୍‌ର ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଲଉଡିବାଡି ପ୍ରଦର୍ଶନ କରିଥିଲେ । ଶ୍ରେୟା ଅନୁଷ୍ଠାନର ତାନ୍‌ଭି ମିଶ୍ର, ସାନ୍‌ଭି ମିଶ୍ର, ନୃତ୍ୟ ନୃତ୍ୟାଙ୍ଗନାର ଜାଗ୍ରତ ପ୍ରବିଣ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ । ମନୋରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ । ସୁଶାନ୍ତ କୁମାର ପାଣି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିବାବେଳେ ବିଜ୍ଞାନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ଏବଂ ଶ୍ରେୟା ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ରଞ୍ଜନ ମହାରଣା, ସ୍ୱର୍ଣ୍ଣଲତା ମିଶ୍ର, ସାଇ ଆଲ୍ଲାଦିନ୍ ପୃଷ୍ଟି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## କଙ୍କଡ଼ାହାଡ଼ ବ୍ଲକ୍‌ରେ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ

**ମହାବିରୋଡ଼, ୩।୧(ସମିସ):** କେନ୍ଦ୍ରୀୟ ଯୋଜନାରେ ଲୋକମାନେ କିଭଳି ସୁଚାରୁ ରୂପେ ଲାଭ ପାଇପାରିବେ ସେ ଉପରେ ଆଜି କଙ୍କଡାହାଡ଼ ବ୍ଲକରେ ଭାରତ ସଂକଳ୍ପ ଯାତ୍ରାର ଶୋଭାରମ୍ଭ ହୋଇଥିଲା । ଏହି ଅବସରରେ ଆଜି ଘାଗରାମୁଣ୍ଡା ପଞ୍ଚାୟତ ଓ ବିରିବୋଲେଇ ପଞ୍ଚାୟତରେ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ୨ ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ୩୦୦ ରୁ ଉର୍ଦ୍ଧ୍ୱ ଲୋକ ଅଭିଯୋଗ ପତ୍ର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଙ୍କଡାହାଡ଼ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରିଣୀ କବିତା ଦାସ, ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ବିରିବୋଲେଇ ସରପଞ୍ଚ ସୁମିତ୍ରା ପ୍ରଧାନ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ଜଗନ୍ନାଥ ଗଡ଼ନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ, ଗ୍ରାମ ରୋଜଗାର ସେବକ ଯୋଗ ଦେଇଥିଲେ । ଏ ସଂକ୍ରାନ୍ତରେ ଏହି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ ନେଇବେଦ୍ୟ ଲଲାଟେନ୍ଦୁ କହିଛନ୍ତି ଯେ, ବ୍ଲକର ୨୧ ଟି ପଞ୍ଚାୟତରୁ ଆଜି ପ୍ରଥମ ଦିନରେ ୨ ଟି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ।



### ପୁଅ ଜନ୍ମଦିନରେ ପଡ଼ୋଶୀଙ୍କ ଆକ୍ରମଣରେ ବାପାର ମୃତ୍ୟୁ ଘଟଣା

# ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

ଢେଙ୍କାନାଳ, ୩।୧(ସମିସ)

ଢେଙ୍କାନାଳ ଟାଉନ୍ ଥାନା ଅନ୍ତର୍ଗତ କୁମ୍ଭାରସାହିରେ ଡିସେମ୍ବର ୨୫ ତାରିଖ ଦିନ ପୁଅର ଜନ୍ମଦିନ ପାଳନ ବେଳେ ପଡ଼ୋଶୀଙ୍କ କାଠ ଫାଳିଆ ମାଡ଼ରେ ବାପାର ମୃତ୍ୟୁ ଘଟିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜିତୁ ବେହେରା ଗିରଫ ହୋଇ କୋର୍ଟ ଚାଲଣ ହୋଇଛି । ଅନ୍ୟ ଅଭିଯୁକ୍ତ ଗଗନ ବେହେରା ଅଦାଲତରେ ଆତ୍ମସମର୍ପଣ କରିଛି । କୁମ୍ଭାରସାହିର ଦାଶରଥୀ ସେଠୀଙ୍କ ପୁଅ ଚିନ୍ମୟ ସେଠୀ (୨୫)ଙ୍କ ଜନ୍ମଦିନ ପାଳନ କରାଯାଉଥିବା ବେଳେ ଗଗନ ବେହେରା ଓ



ଜିତୁ ବେହେରା କାଠ ଫାଳିଆରେ ଆକ୍ରମଣ କରିଥିଲେ । ଫଳରେ ଦାଶରଥୀ ଗୁରୁତର ହୋଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ । ସେଠାରେ ତାଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଦାଶରଥୀଙ୍କ ପରିବାର ଟାଉନ୍ ଥାନାରେ ଅଭିଯୁକ୍ତଙ୍କୁ

### ଅଦାଲତରେ ଅନ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

ଗିରଫ କରିବା ପାଇଁ ହୋ ହାଲା କରି ଶବକୁ ରଖିଥିଲେ । ଟାଉନ୍ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ସେମାନଙ୍କୁ ବୁଝାସୁଝା କରିବା ପରେ ମୃତ ଦାଶରଥୀଙ୍କ ଶବକୁ ନେଇ କୁମ୍ଭାରସାହିକୁ ଚାଲିଯାଇଥିଲେ । ଏହି ଘଟଣାରେ ପୁଲିସ୍ ଜିତୁକୁ ତତ୍‌କ୍ଷଣାତ ଗିରଫ କରିଥିବା ବେଳେ ଗଗନ ବୁଧବାର ଅଦାଲତରେ ଆତ୍ମସମର୍ପଣ କରିଛି ବୋଲି ଟାଉନ୍ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର ପ୍ରକାଶ କରିଛନ୍ତି । ପଡୋଶୀ ଜିତୁ ଓ ଗଗନ ରାତି ୧୦ଟା ପରେ ଜନ୍ମଦିନରେ ବାଜୁଥିବା ସାଉଣ୍ଡରେ ଅତିଷ୍ଠ ହୋଇ ଆକ୍ରମଣ କରିଥିବା ସେ ପ୍ରକାଶ କରିଛନ୍ତି । ଗଗନକୁ ଦୁଇଦିନିଆ ରିମାଣ୍ଡରେ ଅଣାଯିବ ବୋଲି କହିବା ସହ ତା' ଠାରୁ ବ୍ୟବହୃତ କାଠ ଫାଳିଆ ଓ ସାଉଣ୍ଡ ବକ୍ସକୁ ଜବତ କରାଯାଇଥିବା ଶ୍ରୀ ମହାପାତ୍ର କହିଛନ୍ତି ।

## ସଂଗୀତ ଗୁରୁଙ୍କ ସ୍ମୃତିସଭା



**ଭୁବନ, ୩।୧ (ସମିସ):** ମଙ୍ଗଳବାର ଅପରାହ୍ନ ୫ ଘଟିକା ସମୟରେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ତଥା ସଂଗୀତ ଗୁରୁ ସ୍ୱର୍ଗତ ଦାମୋଦର ସାହୁଙ୍କ ଏକାଦଶାହରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଯୋଗୀନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା । ସର୍ବ ପ୍ରଥମେ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ । ଇଂ କମଳଲୋଚନ ସାହୁ କାର୍ଯ୍ୟକ୍ରମର ଆରମ୍ଭରେ ଦିବାଗତ ଆତ୍ମାର ସଦ୍ ଗତି ନିମନ୍ତେ ୧ ମିନିଟ ନିରବ ପାର୍ଥନା କରାଯାଇଥିଲା । ଉପଲକ୍ଷେ ଏକ ଶୋକ ଶ୍ରଦ୍ଧାଞ୍ଜଳି ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ଇଂ ଦିଲ୍ଲୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ କଳା ଶିକ୍ଷକ ଅନଙ୍ଗ ରାଉତ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ଚିତରଞ୍ଜନ ସାହୁ ଯୋଗଦେଇଥିଲେ । ସର୍ବଶ୍ରୀ କମଳ ଲୋଚନ ସାହୁ, ଯୋଗିନାଥ ସାହୁ, ରମେଶ ଚନ୍ଦ୍ର ସାହୁ, ଦେବାନନ୍ଦ ସାହୁ, ପଙ୍କଜ ରାଉତ, ଭୀମସେନ ଓଝା, ସୁଧାକର ଆଏଚ୍, ବାସୁଦେବ ଓଝା, କନକଲତା ସାହୁ, ଗୀତାଞ୍ଜଳି ସାହୁ, ସଂଗୀତା ସାହୁ, ଇତ୍ୟାଦି ବହୁ ଗୁଣମୁଗ୍ଧ ଛାତ୍ରଛାତ୍ରୀ ଦିବଗତ ସାହୁଙ୍କର ଗୁଣଗାନ କରିଥିଲେ । ଏ ଅଞ୍ଚଳରେ ଜଣେ କଳା ସଂସ୍କୃତି ସମ୍ପର୍ଣ୍ଣ ଜଣେ ଆଧାତ୍ମିକ ଭାବେ ସମ୍ପର୍ଣ୍ଣ କୁହଯାଏ ବୋଲି, ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପରିଶେଷରେ ତାଙ୍କ ଜ୍ୟଷ୍ଠ ପୁତ୍ର ଯତୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବସନ୍ତ ସାହୁ, ଜଗବନ୍ଧୁ ସାହୁ, ମନୋଜ ସାହୁ ସହଯୋଗ କରିଥିଲେ । ସଭା ଶେଷରେ ଦିବାଗତ ଆତ୍ମାର ଉଦ୍ଦେଶ୍ୟରେ ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏଥିରେ ବହୁ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ । ସମସ୍ତେ ମହାପ୍ରସାଦ ସେବନ କରିଥିଲେ ।

